# "ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ଫଳ କ'ଣ ତୁମେ ଜାଣ !"

ମୁଁ କ୍ଷୀରୋଦ୍ କୁମାର ଜେନା, ଘର ଯାଜପୁର ଜିଲ୍ଲାରେ । ଜାତିରେ ହରିଜନ ଓ ଆମେ ଅତ୍ୟନ୍ତ ଗରୀବ ଅଟୁ । ବାପା ଗାଁ'ରେ ଗୃହବାସ ସହ ବିଭିନ୍ନ ଗାଁ ଲୋକଙ୍କର କାମଦାମ କରି ପରିବାର ପ୍ରତିପୋଷଣ କରନ୍ତି । ସ୍କୁଲ୍‌ରେ ପଢୁଥିବା ସମୟରେ ଆମ ଗାଁର ଜୈନିକ ଝିଅ ସହିତ ମୋର ଭଲପାଇବା ଗଢ଼ିଉଠିଥିଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମ ଉଭୟଙ୍କ ମଧ୍ୟରେ ଭଲପାଇବା ଦିନକୁ ଦିନ ଗଭୀର ହେବାକୁ ଲାଗିଲା । ସ୍କୁଲ୍ ସମୟରେ ସେ ଘରୁ ଯାହାବି ଆଣନ୍ତି ଲୁଚାଇକରି ମୋତେ ଖାଇବାକୁ ଦିଅନ୍ତି । ଆମେତ ସହଜେ ବହୁତ୍ ଗରୀବ । ତଥାପି ମଧ୍ୟ ବାଡ଼ିରୁ ପିଜୁଳି ଇତ୍ୟାଦି ଆଣି ମୁଁ ତାଙ୍କୁ ଦିଏ । ସେ ଯାହାବି ହେଉ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ମୁଁ ଆସି କଟକରେ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଲି । ଭଗବାନଙ୍କର ବିନା ଆଦେଶରେ ଗଛରେ ପତ୍ରଟିଏ ମଧ୍ୟ ହଲିପାରେ ନାହିଁ । ଇତି ମଧ୍ୟରେ ଉକ୍ତ ଝିଅ ଆସି କଟକର ଖ୍ରିଷ୍ଟ୍ କଲେଜ୍‌ରେ ପାଠ ପଢ଼ିଲା । ୨୦୧୪ ମସିହାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଅତ୍ୟନ୍ତ ଦୃଢ଼ ହେବାକୁ ଲାଗିଲା । ଏପରିକି ଆମକୁ ବାଧା ଦେବାପାଇଁ କେହିବି ନଥିଲେ । ବହୁତ୍‌ଥର ମୁଁ ଗରୀବ ଓ ହରିଜନ ହୋଇଥିବାରୁ ପ୍ରେମିକାକୁ ମୋର ପଚାରେ ମୋତେ ତୁମେ ଧୋକା ଦେବନାହିଁ ତ ? ମାତ୍ର ପ୍ରେମିକା ମୋର କହେ ଦୁନିଆର ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ମୁଁ ତୁମ ପାଖକୁ ପଳାଇ ଆସିବି । ଆମେ ତିଆରି କରିବା ଭିନ୍ନ ଏକ ଇତିହାସ ଏବଂ ଉଭୟେ ମିଶି ଦୁନିଆକୁ ଦେଖାଇଦେବା ପ୍ରକୃତରେ ପ୍ରେମ କ'ଣ ! ଏଭଳି ଅନେକ ସ୍ୱପ୍ନ । ଆମ ଉଭୟଙ୍କ ଜାତି ଅଲଗା ହୋଇପାରେ, ରକ୍ତ ତ ସମାନ ନା । ଏଭଳି ଅନେକ ମିଠା ମିଠା କଥା ବେଳେ ବେଳେ ଭାବିଲେ ମୋ ଛାତି ଭିତରଟା ଥରି ଉଠୁଛି । ପ୍ରେମିକା ମୋବାଇଲ୍ ନମ୍ବର ୮୯୮......... ସହ ମୋର ମୋବାଇଲ୍ ନମ୍ବର ୮୦୯୩......... କୁ ବେଳେବେଳେ ରାତିସାରା କଥା ହୋଇ କଥା ସରେନି ସକାଳ ହେଇଯାଉଥିଲା । ହଠାତ୍ ଦିନେ ପାଠ ପଢ଼ା ସରିଗଲା । ଉଭୟେ ଫେରିଲୁ ଗାଁକୁ । ଗାଁରେ ଉଭୟେ ଦେଖାହୋଇ କଥା ହେବା କାଠିକର ବ୍ୟାପାର ଥିଲା । ତେଣୁ ମଝିରେ ମଝିରେ ବିଭିନ୍ନ ଆଳ ଦେଖାଇ କଟକ କିମ୍ବା ଭୁବନେଶ୍ୱର ଆସିବା ପାଇଁ ପଡ଼େ ଦେଖାହେବା ପାଇଁ । ଉଭୟେ ଦେଖା ସାକ୍ଷାତ ହୋଇ ଫେରିଯାଉ ଗାଁକୁ । ଇତି ମଧ୍ୟରେ ଘଟଣାଟି ଆମ ଘର ଲୋକ ଜାଣିଗଲେ ବାପା ମୋତେ ମାରଧର କରିବା ସହିତ ଗାଳି ଗୁଲଜ୍ କଲେ ଏବଂ ବାପା ଆତ୍ମହତ୍ୟା କରିଦେବାର ଧମକ ମଧ୍ୟ ଦେଲେ । ବାପାଙ୍କ କଥା ଶୁଣି ମୁଁ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଲି । ଦଶଦିନ ପର୍ଯ୍ୟନ୍ତ ମୋବାଇଲ୍‌କୁ ସୁଇଚ୍ ଅଫ୍ କରି ଘରେ ଚୁପ୍‌ଚାପ୍ ବସି ରହିଲି । ଏହା ପରେ ଆସିଲି ଭୁବନେଶ୍ୱରରେ ବି.ଇ.ଡି. କରିବା ପାଇଁ । ତାପରେ ଦେଖିଲି ପ୍ରେମିକା ମୋର ଆସି ଭୁବନେଶ୍ୱରରେ ଚାକିରୀ କଲା । ପୁଣି ଆମେ ସାଙ୍ଗ ହୋଇ ଗଲୁ । ବାପାଙ୍କର ମୁଣ୍ଡ ଛୁଆଁ, ବାପାଙ୍କର ଆତ୍ମହତ୍ୟା ଧମକ ଯେମିତି ହାର ମାନିଗଲା ଆମ ପ୍ରେମ ଆଗରେ । ସତରେ ବଡ଼ ବିଚିତ୍ର ଏବଂ ନିଆରା ଅନୁଭୂତି ଏଇ ପ୍ରେମର ପୁରୁଷଟିଏ ପ୍ରେମର ଛଳନାକୁ ନବୁଝି ହସି ହସି ପ୍ରେମିକା ଦେଉଥିବା ବିଷକୁ ମଧ୍ୟ ବିଶ୍ୱାସରେ ପିଇଦିଏ । ଇତି ମଧ୍ୟରେ ଭୁବନେଶ୍ୱରରେ ଉଭୟେ ଖୋଲା ବିହଙ୍ଗ ହୋଇ ବିଭିନ୍ନ ପାର୍କ, ଫିଲ୍ମ ଯିବା ଏବଂ ପୁରୀରେ ଯାଇ ଜଗନ୍ନାଥଙ୍କ ସାମ୍ନାରେ ସ୍ୱାମୀ ସ୍ତ୍ରୀ ହୋଇ ଦର୍ଶନ କରିବା ଆନନ୍ଦ ବଜାରରେ ଉଭୟେ ମିଶି ଗୋଟିଏ କୁଡୁଆ ଭିତରେ ହାତ ପୁରାଇ ଅବଢ଼ା ଖାଇବା ମନେ ପଡ଼ିଗଲେ ଆଖିଭିତରୁ ଅମାନିଆ ଲୁହ ଗୁଡ଼ାକ ଗଳଗଳ ହୋଇ ଗଳିପଡୁଛି । ଯେତେ ଭୁଲିବାକୁ ଚେଷ୍ଟା କଲେ ମଧ୍ୟ ମୁଁ କାହିଁକି କେଜାଣି ମୁଁ ଭୁଲିପାରୁନାହିଁ ମୋ ପ୍ରେମକୁ । ଦିନରେ ଦୁଇଥର ୨୦ ଟଙ୍କା ଲେଖାଏଁ ଦେଇ ଭୁବନେଶ୍ୱର ସଚିବାଳୟ ମାର୍ଗରେ ବସିଥିବା ପଣ୍ଡିତମାନଙ୍କୁ ହାତ ଦେଖାଇ ପଚାରୁଛି ମୋ ପ୍ରେମିକା ମୋ ପାଖକୁ ଫେରିଆସିବ ତ ? ସେମାନଙ୍କର ଶନି, ରାହୁ, ମଙ୍ଗଳ ଓ କେତୁ ଏଭଳି କିଛି ଗ୍ରହ ମିଛରେ ଗୁଣୁଗୁଣୁ ହୋଇ କୁହନ୍ତି ତିନି ପକ୍ଷପରେ ନିହାତି ଆସିବ । ସେଠାରୁ ଆସିଲାପରେ ମୁଁ ନିଜେ ଜାଣେ ଏ ପଣ୍ଡିତମାନେ ନିଜର ଭାଗ୍ୟ ନଜାଣି ରାସ୍ତା କଡ଼ରେ ବସିଥିଲାବେଳେ ମୋ ଭାଗ୍ୟ ଜାଣିବେ କିପରି ? ସେ ଯାହାବି ହେଉ, ମତେ ଏମାନେ ଧୈର୍ଯ୍ୟ ଦିଅନ୍ତି । ୨୫ ଏମ୍‌ଜିର ନିଶା ବଟିକା ୨୦ଟି ଆଣି ସାଇତି ରଖିଛି । ତଥାପି ମଧ୍ୟ ଏଇ ରାସ୍ତା କଡ଼ରେ ବସିଥିବା ପଣ୍ଡିତମାନଙ୍କ କଥାରେ ବେଳେବେଳେ କାହିଁକି କେଜାଣି ଭାରି ବିଶ୍ୱାସ ଆସୁଛି । ଶେଷଥର ପାଇଁ ଗାଁକୁ ଯାଇ ପ୍ରେମିକାକୁ ବହୁ କଷ୍ଟରେ ଗାଁରେ ଥିବା ଏକ ଗଛ ମୂଳରେ ଭେଟି ପଚାରିଲି କ'ଣ ପାଇଁ ତମେ ମୋତେ ଭୁଲିଗଲ ? ଏହାର ଉତ୍ତରରେ ପ୍ରେମିକା କହିଲା "ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ଫଳ କ'ଣ ତୁମେ ଜାଣ ?" ମୁଁ କେବଳ ତାଙ୍କୁ ଏତିକି ପଚାରିଲି ମୋ ସାଙ୍ଗରେ ଭୁବନେଶ୍ୱରରେ ଖର୍ଚ୍ଚ କରୁଥିବା ପଇସା ମୁଁ କେଉଁଠି ଆଣେ ତୁମେ ଜାଣିଛ । ପ୍ରତିଦିନ ଦିନରେ କିମ୍ବା ରାତିରେ ମୁଁ ମିଲ୍ ନଖାଇ ଯେଉଁ ପଇସା ସଞ୍ଚୟ କରେ ସେହି ପଇସାକୁ ଆମେ ଉଭୟେ ଖର୍ଚ୍ଚ କରୁଛେ । ସେ ପୁରୁଣା କଥା ମୁଁ ଆଉ ଶୁଣିବାକୁ ଚାହୁଁନି । ଯଦି ବେଶି ଚାପ ପକାଅ ତେବେ ବାପା କହୁଥିଲେ ତୁମ ନାମରେ କେସ୍ କରିବେ ବୋଲି । ସେଠାରୁ ଚୁପ୍‌ଚାପ୍ ହୋଇ ଫେରି ଆସିଲି । ସବୁବେଳେ ଭାବୁଛି ଏବେ ତାକୁ ଛାଡ଼ି ମୁଁ ଏବେ ରହିପାରିବି ନାହିଁ । ଆପଣ କୁହନ୍ତୁ ତ ମୁଁ ଆଉ ବଞ୍ଚିବି କେମିତି............???


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)

ପୁରୁଷ କମିଶନ୍ (ଆବାହକ)

ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।